# କୃଷି ସୂଚନା ସେବା (ଧାନ)

## ଭା.କୃ.ଅନୁ.ପ.-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬

### ୨୦୧୮ ମସିହା ମଇ ମାସ ଦ୍ୱିତୀୟ ପକ୍ଷ ପାଇଁ କାର୍ଯ୍ୟପନ୍ଥା :

❖ ବର୍ଷାଶ୍ରିତ ଖାଲ ଜମିରେ ସିଧାବୁଣା ପାଇଁ ଖରାଟିଆ ଚଷ ପତ୍ରମୋଡା ଲଙ୍ଗଳ ବ୍ୟବହାର କରି ଚଷ କରିଦିଅନ୍ତୁ । ସେଥିପାଇଁ ପତ୍ରମୋଡା ଲଙ୍ଗଳ ବ୍ୟବହାର କରି ପ୍ରଥମଚଷ କରି ଦିଅନ୍ତୁ । ଏହା ଫଳରେ ମାଟିର ୧୫-୨୦ ସେ.ମି. ଗଭୀର ପର୍ଯ୍ୟନ୍ତ ଚଷ ହୋଇପାରିବ । ଦ୍ୱିତୀୟ ଚଷ କଲଟିଭେଟରର ବ୍ୟବହାର କରି କରନ୍ତୁ ।

❖ ଯେଉଁଠାରେ ହାଲୁକା ମାଟି ଅଛି ସେଠାରେ ରୋଟାଭେଟରରେ ଚଷ କରି ସିଧାବୁଣା କରନ୍ତୁ ।

❖ ଶେଷ ଓଡ଼ ଚଷ ସମୟରେ ଗୋବର ଖତ ପ୍ରତି ହେକ୍ଟର ପିଛା ୨ ଟନ୍ ହିସାବରେ ପ୍ରୟୋଗ କରନ୍ତୁ ।

❖ ସୁଖିଲା ତଳିଘରା ପ୍ରସ୍ତୁତ ପାଇଁ ପ୍ରଥମ ବର୍ଷା ହେବାପରେ ଚଷ କରିଦିଅନ୍ତୁ ।

❖ ମଧ୍ୟମ ଖାଲୁଆ ଜମି ପାଇଁ ବର୍ଷାଧାନ, ଦୁର୍ଗା, ସି.ଆର.ଧାନ ୫୦୧, ହଂସେଶ୍ୱରୀ ଏବଂ ଶାରଳା କିସମର ଧାନ କିସମ ବ୍ୟବହାର କରନ୍ତୁ । ମାତ୍ର ଖାଲୁଆ ଜମି ପାଇଁ ସି.ଆର.ଧାନ ୫୦୦, ଜଳମଣୀ, ଜୟନ୍ତୀଧାନ ଏବଂ ସି.ଆର ଧାନ ୫୦୫ ଇତ୍ୟାଦି କିସମ ବ୍ୟବହାର କରନ୍ତୁ । ଉତ୍ତମ ଗୁଣାତ୍ମକମାନର ବିହନ, ଗବେଷଣା ଅନୁଷ୍ଠାନ, କୃଷି ବିଶ୍ୱବିଦ୍ୟାଳୟ, କୃଷି ବିଜ୍ଞାନ କେନ୍ଦ୍ର, ବ୍ଲକ କାର୍ଯ୍ୟାଳୟ(କୃଷି) ତଥା ଭଲ ବିହନ ଉତ୍ପାଦନ କରୁଥିବା ଫାର୍ମରୁ ସଂଗ୍ରହ କରି ବ୍ୟବହାର କରନ୍ତୁ।

❖ ରୁଆ ଧାନ ଚଷ ହେଉଥିବା ଅଞ୍ଚଳରେ ଧନିଚା ବିହନ ଉପରୋକ୍ତ ସ୍ଥାନରୁ ସଂଗ୍ରହ କରି ବ୍ୟବହାର କରନ୍ତୁ ।

*****